ଲୋକ ଶିକ୍ଷଣ ପ୍ରସାରକ ମଣ୍ଡଳ ଏବଂ ଅନ୍ୟଜଣେ

ବନାମ

ରାଜେନ୍ଦ୍ର କୁମାର ଅଜବ୍ରାଓ ମହାଲେ ଏବଂ ଅନ୍ୟମାନେ

ମଇ 5, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଧାରା 226 – ରିଟ୍ ଆବେଦନ – ବିବାଦୀୟ ଆଦେଶ ସ୍ଥଗିତ – ମହାରାଷ୍ଟ୍ର ରାଜ୍ୟର ଶିକ୍ଷା ବିଭାଗ – ଏକ ଅଧ୍ୟାପନା କାଳ ପାଇଁ ନିଯୁକ୍ତି ପ୍ରଦାନ କରାଯାଇଥିଲା ସ୍ୱତନ୍ତ୍ର ଭାବରେ ନିଯୁକ୍ତି ପତ୍ରରେ ଉଲ୍ଲେଖ କରି ଯେ, ଅଧିବେଶନ ଶେଷରେ ବିନା ବିଜ୍ଞପ୍ତିରେ ସେବାଗୁଡ଼ିକ ସମାପ୍ତ ହୋଇଯିବ – ପରବର୍ତ୍ତୀ ବର୍ଷ କୌଣସି ନିଯୁକ୍ତି କରାଯାଇ ନାହିଁ – ସେବା ଜାରି ରଖିବା ପାଇଁ ନ୍ୟାୟାଧିକରଣକୁ ଅପିଲକାରୀ ଅନୁରୋଧ କରିଛନ୍ତି – ସମାପ୍ତି ବେଆଇନ ବୋଲି ନ୍ୟାୟାଧିକରଣ କହିଛନ୍ତି – ରାଜ୍ୟ ଦ୍ୱାରା ରିଟ୍ ଆବେଦନ – ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥଗିତାଦେଶ ବାତିଲ କରାଯାଇଛି – ଦର୍ଶାଯାଇଛି, ନ୍ୟାୟାଧିକରଣ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥ୍ୟ ସ୍ପଷ୍ଟ ଭାବରେ ଅଯୁକ୍ତିକର ଅଟେ – ମାମଲାଟି ସ୍ପଷ୍ଟ ଭାବରେ ରିଟ୍ ଆବେଦନର ସମାଧାନ ହେବା ପର୍ଯ୍ୟନ୍ତ ନ୍ୟାୟାଧିକରଣର ଆଦେଶକୁ ସ୍ଥଗିତ ରଖିବା ପାଇଁ ଥିଲା – ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି – ରିଟ୍ ଆବେଦନର ଶୀଘ୍ର ପରିସମାପ୍ତି କରାଯିବ – ସେବା ଆଇନ – ନିର୍ଦ୍ଧାରିତ ଅବଧି ପାଇଁ ନିଯୁକ୍ତି ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3619/1997 ।

ଡବ୍ଲ୍ୟୁ.ପି. ସଂଖ୍ୟା 3520/1995ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 19.2.97ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ.କେ. ସାଙ୍ଘୀ ।

ଉତ୍ତରଦାତାମାନଙ୍କ ପାଇଁ ଭି.ଏ. ମୋହତା, ପ୍ରମିତ ସକ୍ସେନା ଏବଂ ଏସ୍.ଭି. ଦେଶପାଣ୍ଡେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ବମ୍ବେ ଉଚ୍ଚ ନ୍ୟାୟାଳୟ, ନାଗପୁର ବିଚାରପୀଠ ଦ୍ୱାରା ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶରୁ ଉତ୍ପନ୍ନ ହୋଇଛି, ଯାହା ଫେବୃଆରୀ 19, 1997ରେ ରିଟ୍ ଆବେଦନ ସଂଖ୍ୟା 3520/95ରେ କରାଯାଇଥିଲା ।

ଉତ୍ତରଦାତାଙ୍କୁ ଜୁଲାଇ 9, 1992 ତାରିଖରେ ଏକ ବର୍ଷ ପାଇଁ ନିଯୁକ୍ତ କରାଯାଇଥିଲା । ନିଯୁକ୍ତି ଆଦେଶରେ ନିମ୍ନଲିଖିତ ଭାବରେ ବର୍ଣ୍ଣନା କରାଯାଇଛି:

> "ଆପଣଙ୍କ ନିଯୁକ୍ତି ଛୁଟି/ପ୍ରତିନିଯୁକ୍ତି/ଖାଲି ସ୍ଥାନରେ 9.7.92 ରୁ ଅଧିବେଶନ ଶେଷ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ । ଉପରୋକ୍ତ ଅବଧି ଶେଷ ହେବା ପରେ ଆପଣଙ୍କ ସେବା ବିନା କୌଣସି ବିଜ୍ଞପ୍ତିରେ ସମାପ୍ତ ହୋଇଯିବ ।"

ମଇ 21, 1995ରେ ପଠାଯାଇଥିବା ଶିକ୍ଷା ବିଭାଗର ଉପ ନିର୍ଦ୍ଦେଶକ (ଜେନେରାଲ)ଙ୍କର ମଇ 19, 1994 ତାରିଖର ଆଦେଶରେ ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତାଙ୍କୁ ପରବର୍ତ୍ତୀ ସମୟରେ କୌଣସି ନିଯୁକ୍ତି ଦିଆଯାଇନାହିଁ, ଯାହା ନିମ୍ନଲିଖିତ ଭାବରେ ବର୍ଣ୍ଣିତ :

> "ରାଜ୍ୟ ସରକାରଙ୍କ ଠାରୁ 1993-94 ବର୍ଷ ପାଇଁ ମଞ୍ଜୁରି ଏବଂ ବ୍ୟବସ୍ଥାର ପ୍ରତ୍ୟାଖ୍ୟାନ ହେତୁ, ସହାୟତା ଅନୁଦାନ ଭିତ୍ତିରେ କୌଣସି ବର୍ଗ ପାଇଁ କୌଣସି ମଞ୍ଜୁରି ପ୍ରଦାନ କରାଯାଇ ନଥିଲା । ସମସ୍ତ ବିଦ୍ୟାଳୟ ମୁଖ୍ୟଙ୍କୁ ଶିକ୍ଷା ଉପ ନିର୍ଦ୍ଦେଶକ, ଶିକ୍ଷା ଅଧିକାରୀ (ମାଧ୍ୟମିକ) ଏବଂ ଶିକ୍ଷା ନିରୀକ୍ଷକ, ବମ୍ବେ ମାଧ୍ୟମରେ ସୂଚନା ପଠାଯିବା ଉଚିତ ।"

ତେଣୁ, ଏହା ଦେଖାଯାଏ ଯେ, 1993-94 ବର୍ଷ ପାଇଁ କୌଣସି ନିଯୁକ୍ତି ଦିଆଯାଇ ନଥିଲା । ଉତ୍ତରଦାତା ନିର୍ଦ୍ଦେଶ ପାଇଁ ନ୍ୟାୟାଧିକରଣରେ ଏକ ଅପିଲ ଦାଖଲ କରିଥିଲେ । ନ୍ୟାୟାଧିକରଣ କହିଛନ୍ତି ଯେ, ତାଙ୍କୁ ଏକ ସ୍ଥାୟୀ ପଦବୀ ବିରୁଦ୍ଧରେ ନିଯୁକ୍ତ କରାଯାଇଥିଲା ଏବଂ ପ୍ରଧାନ ଶିକ୍ଷକଙ୍କର ବରଖାସ୍ତ ଆଦେଶ ପାରିତ କରିବାର କୌଣସି କ୍ଷମତା ନଥିଲା । ନିଯୁକ୍ତି ଆଦେଶ ସତ୍ତ୍ୱେ, ନ୍ୟାୟାଧିକରଣ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଏପରି ନିଷ୍ପତ୍ତି ସ୍ପଷ୍ଟ ଭାବରେ ଅଯୁକ୍ତିକର ଅଟେ । ଯେତେବେଳେ ଆଦେଶକୁ ସ୍ଥଗିତ ରଖିବା ପାଇଁ ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା, ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଦିଆଯାଇଥିବା ସ୍ଥଗିତାଦେଶକୁ ବାତିଲ କରିଦେଇଥିଲେ । ଉଲ୍ଲେଖିତ ତଥ୍ୟ ଅନୁଯାୟୀ, ମାମଲାଟି ସ୍ପଷ୍ଟ ଭାବରେ ରିଟ୍ ଆବେଦନର ପରିସମାପ୍ତି ହେବା ପର୍ଯ୍ୟନ୍ତ ନ୍ୟାୟାଧିକରଣର ଆଦେଶର ସ୍ଥଗିତାଦେଶ ପାଇଁ ଥିଲା ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କୁ ଯେତେ ଶୀଘ୍ର ସମ୍ଭବ ରିଟ୍ ଆବେଦନକୁ ପରିସମାପ୍ତି କରିବାକୁ ଅନୁରୋଧ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ